# ତହସିଲ କାର୍ଯ୍ୟାଳୟ, ବାଲିଗୁଡା

## ବିଜ୍ଞପ୍ତି ସଂଖ୍ୟା. 1109 /ଖୈଜ/ତାରିଖ. ୨୭.୦୪.2018

## ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ,ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାଲିଗୁଡା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନଗୁଡିକ ଆସନ୍ତା ୫ (ପାଞ୍ଚ ) ବର୍ଷ ନିମନ୍ତେ OMMC (Amendment ) rule , ୨୦୧୪ ଏବଂ ୨୦୧୫ ଅନୁଯାୟୀ ୨୦୧୮- ୨୦୧୯ ଆର୍ଥିକ ବର୍ଷଠାରୁ ୨୦୨୨-୨୦୨୩ ପର୍ଯ୍ୟନ୍ତ ନିମ୍ନ ସାରଣୀ ମୁତାବକ ତହସିଲଦାର , ବାଲିଗୁଡାଙ୍କ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment ) rule- OMMC Rule ୨୦୧୬ ପ୍ରକାରେ ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଲଗ୍ନ କରି ମୁଦ ଲଫାପା ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. ୨୮।୦୪.୨୦୧୮ରିଖ ୭.୦୦ଘଣ୍ଟିକା ଠାରୁ ତା ୧୪।୦୫।.୨୦୧୮ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସରେ ତହସିଲ ଅଫିସ ରେ ଥିବା ଟେଣ୍ଡର ବକ୍ସରେ ଦାଖଲ କରିବେ କିମ୍ବା ରେଜିଷ୍ଟ୍ରି ଡାକ ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇ ପାରିବେ ( ତହସିଲ କାର୍ଯ୍ୟାଳୟ, ବାଲିଗୁଡା , ପୋ - ବାଲିଗୁଡା , ଜିଲ୍ଲା - କନ୍ଧମାଳ ) ଉପରୋକ୍ତ ଧାର୍ଯ୍ୟ ସମୟ ପରେ ହସ୍ତଗତ ହୋଇଥିବା ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ । ପ୍ରାପ୍ତ ହୋଇଥିବା ଦରଖାସ୍ତ ତା ୧୪.୦୫.୨୦୧୮ ରିଖ ଅପରାହ୍ନ ୧.୦୦ ଘଟିକା ସମୟ ରେ ସମସ୍ତ ଦରଖାସ୍ତକାରୀଙ୍କ ଉପସ୍ଥିତି ରେ ଖୋଲାଯାଇ ଚୟନ କରାଯିବ ।

ଏହି ସଇରାତ ଉତ୍ସ ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସ ପ୍ରକାର , ମୌଜାର ନାମ , ପ୍ଲଟ ନ , ରକବା ଏବଂ ଦରଖାସ୍ତ ଗ୍ରହଣର ସମୟ ସୀମା ଇତ୍ୟାଦ ବିଶ ସୂଚନା କନ୍ଧମାଳ ଜିଲ୍ଲା Website:- http//www.kandhamal.nic.in ରେ ଉପଲବ୍ଧ ହେବ ।

11-5.18

ତହସିଲଦାର , ବାଲିଗୁଡା

ଆବେଦନ ପତ୍ର Form-M ସହିତ ଦାଖଲ କରିବାକୁ ଥିବା ଦଲିଲ / କାଗଜାତ

୧. ଦରଖାସ୍ତ ଫି ସକାଶେ ଟ. ୧୦୦୦.୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ (ଯାହାକି ଫେରସ୍ତ ଯୋଗ୍ୟ ନୁହେଁ ) ଏହା (0853-Non-Ferrous Mining and Metallurgical-102 Mineral Concession Fees, Rents & royalities-0217-receipts under Orissa Minor Minerals concession Fees (new) -02021-collection of fees, Rents and Royalties (new ) ଏହି head of account ରେ ଜମା ହେବା ବିଧେୟ ।

୨. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସ ଚୌହଦି ତଥା ସଂପୂର୍ଣ୍ଣ ଜମିର ବିବରଣୀ , ଏହି ବିଜ୍ଞାପନରେ ଥିବା ନାମ ଓ କେସ ନମ୍ବର ସଠିକ ଭାବେ ଲେଖିବା ବିଧେୟ ।

୩. ଦରଖାସ୍ତକାରୀଙ୍କ ନାମରେ କୌଣସି ମାଇନିଙ୍ଗ୍ ଭରଣା ବକେୟା ନଥିବା ନେଇ ସତ୍ୟପାଠ ।

୪. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।

୫। E.M.D. ବାବଦରେ B.D.ରୂପରେ ତହସିଲଦାର ବାଲିଗୁଡାଙ୍କ ସପକ୍ଷରେ ଦାଖଲ କରିବେ ।

୬. ଆକଳନ ପରିମାଣର Solvency Certificate କିମ୍ବା ବ୍ୟାଙ୍କ Guaranty ଦାଖଲ କରିବେ ଏବଂସାମ୍ପତ୍ତିର ତାଲିକା Revenue Officerଙ୍କ ଠାରୁ ଦାଖଲ କରିବେ ।।

୭. ଅନ୍ୟ ବିବରଣୀ ଯଥା ବୈଷୟିକଜ୍ଞାନ,ଦକ୍ଷତା,ଯନ୍ତ୍ରପାତି ଇତ୍ୟାଦି ।

୮. ST/IT Clearance ସାର୍ଟିଫିକେଟର ନକଲ ।

୯. ଆବେଦେନକାରୀଙ୍କ PAN CARD ର ଫୋଟୋକପି ବା ନକଲ ।

ଦରଖାସ୍ତକାରି ଉପରୋକ୍ତ କାଗଜାତଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୧୦. କୌଣସି କାରଣ ନଥାଇ ଦରଖାସ୍ତକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକରୀଙ୍କ ର ରହିଅଛି ।

୧୧.ସମସ୍ତ ଦରଖାସ୍ତକାରୀଙ୍କ Odisha Minor mineral Concession Rules 2004 & Odisha Minor mineral Concession ( Amendment ) Rules 2014 ଏବଂ ୨୦୧୫ ର ସମସ୍ତ ସର୍ତ୍ତାବଳୀ ପାଳନ କରିବା ବିଧେୟ ।

ଏତଦ ବ୍ୟତିତ ଦରଖାସ୍ତକାରିମାନଙ୍କୁ ନିମ୍ନସ୍ତ ସର୍ତ୍ତଅନୁଯାୟୀ ଦରଖାସ୍ତ କରିବା ପାଇଁ ଅବଗତ କରାଯାଉଅଛି ।

# ସର୍ତ୍ତାବଳୀ

୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣି ଦ୍ରବ୍ୟ ରିହାତି ଆଇନ ୨୦୦୪ ଓ OMMC ( Amendment ) rule ୨୦୧୪, ୨୦୧୫ ଏବଂ ୨୦୧୬ ପରିସରଭୁକ୍ତ ରହିବେ ।

୨. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବେ ।

୩.ଦରଖାସ୍ତକାରୀଙ୍କୁ କୌଣସି ପରିସ୍ଥିତିରେ ଧାର୍ଯ୍ୟକରାଯାଇଥିବା ରୟାଲିଟି ଠାରୁ କମ ଦରରେ ଲିଜ୍ ଅନୁମୋଦନ କରାଯିବନାହିଁ । ସର୍ବାଧିକ ରୟାଲିଟି ମୂଲ୍ୟ ପ୍ରସ୍ତାବ ଦେଇଥିବାଯୋଗ୍ୟ ଦରଖାସ୍ତକାରୀଙ୍କୁ ଏହି ଲିଜ୍ ପାଇଁ ଅଗ୍ରାଧିକାର ଦିଆଯିବ ଏବଂ ଯଦି ଏକାଧିକ ଦରଖାସ୍ତକାରୀଙ୍କର ପ୍ରସ୍ତାବିତ ମୂଲ୍ୟ ସମାନ ଥାଏ ତେବେ ଲଟେରୀ ମାଧ୍ୟମରେ ଚୟନ କରାଯିବ ।

୪.ଚୟନ ହେଲାପରେ ଆବେଦନକାରୀ ୧୫ ଦିନ ମଧ୍ୟରେ MMC Rule-26 (5) ଅନୁସାରେ Security Deposit ଦାଖଲ କରିବେ ।

୫..ଚୟନ ହେଲାପରେ ଦରଖାସ୍ତକାରୀ ନିଜସ୍ୱ ଖର୍ଚ୍ଚ ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ସ୍ୱୀକୃତି ପ୍ରାପ୍ତ ଫାର୍ମଙ୍କ ସହାୟତାରେ Authorized Officer (Geologist - Cum-Authorozed Officer , O/O Joint Director Geology (SZ) Berhampur -10) ଙ୍କ ଠାରୁ Mining Plan (form ZB)୩୦ ଦିନ ମଧ୍ୟରେ ଆଣି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।

୬.ଲିଜ୍ ଧାରୀଙ୍କୁ ସର୍ବମୋଟ ରୟାଲିଟି ମୂଲ୍ୟର ୫% Odisha Environment Management Fund Trust ଙ୍କ ନାମରେ Environmental Clearance ପାଇଁ ଦାଖଲ କରିବେ ଏବଂ ନିଜ ଦାୟିତ୍ୱରେ Environmental Clearance ଆଣିବେ ।

୭. ଲିଜ୍ ଧାରୀଙ୍କୁ ପରିବେଶ ଅନୁମୋଦନ ନିମନ୍ତେ Chairman, SEIAA, Odisha, Bhubaneswar ଙ୍କ ନାମରେ ତନଖି ଦେୟ ବାବଦରେ ବାଲି ଖାଦାନ ପାଇଁ ୧୦୦୦ ଟଙ୍କା ଏବଂ ଅନ୍ୟ ଖାଦାନ ପାଇଁ ୫୦୦୦ ଟଙ୍କା ତହସିଲଦାର ବାଲିଗୁଡାଙ୍କ ଠାରେ Bank Draft ଆକାରରେ ଦାଖଲ କରିବେ ।

୮. ଜମା ରୟାଲିଟି (୨%) ଲିଜ୍ ଧାରୀ ଆୟକର (TCS) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୯. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାଇନିଙ୍ଗ୍ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଲିଜ୍ ଖାରଜ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୦.ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକସ୍ଥଳେ ପଇଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତି କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି।

୧୧. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ଦର୍ଶାଇଥିବା ଏକକ ରୟାଲିଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି Environment Clearance ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Execution of lease deed )ସମ୍ପାଦନ କରିବେ ।

୧୨. ଲିଜ୍ ଧାରୀ ସଇରାତ ଉତ୍ସର ନକସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ସଇରାତ ଉତ୍ସର ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସଇରାତ ଉତ୍ସର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜ୍ ଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସଇରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୪. Cluster କରାଯାଇଥିବା ବାଲି ଉତ୍ସ ପାଇଁ ଲିଜ୍ ଧାରୀ ମିଳିତ ଭାବେ ସମସ୍ତ ଉପରେ ଲିଖିତ ପ୍ରକ୍ରିୟା ପୂରଣ କରି EC ଆଣିବେ ଏବଂ ତାପରେ Lease Agreement ସମ୍ପାଦନ କରିବେ ।

୧୫. ବାଲି ଉତ୍ସ ପାଇଁ ଚିହ୍ନିତ ହୋଇଥିବା ସୁରକ୍ଷା ଅଞ୍ଚଳ ( Safety Zone ) ରେ ଲିଜ୍ ଧାରୀ କୌଣସି ପ୍ରକାରେ ବାଲି ଉତ୍ତୋଳନ କରିବେ ନାହିଁ ଏବଂ 6 mtrs ରୁ ତଳକୁ ଯିବେ ନାହିଁ ।

୧୬. ଏତଦ ଭିନ୍ନ ଅନ୍ୟ ଉତ୍ସ ପାଇଁ ମଧ୍ୟ ସ୍ଥିରିକୃତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ବିବରଣୀ ସହ ଆବେଦନ କରିପାରିବେ । ଏବଂ ଉତ୍ସ ଯଦି ରୟତି ଜମିରେ ଥାଏ ତେବେ ଉକ୍ତ ପଟ୍ଟାଦାରଙ୍କ ରାଜିନାମା ସଲଗ୍ନ କରିବେ ।

୧୭. ଲିଜ୍ ଧାରୀଙ୍କ Mining Plan ଏବଂ Environment Clearance ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଣିବାକୁ ପଡିବ ନଚେତ ଲିଜ୍ ବାତିଲ କରାଯିବ ।

୧୮.ଏହି ସର୍ତ୍ତାବଳୀରେ କୌଣସି ପ୍ରକାରର ସଂଶୋଧନ କରିବାର କ୍ଷମତା , କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ଏବଂ ତାହାକୁ ଲିଜ୍ ଧାରୀ ମାନିବାପାଇଁ ବାଧ ହେବେ ।

୧୯. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦେଖିପାରିବେ ।

୨୦. ଲିଜ୍ ରେ ସଇରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୧. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

**ତହସିଲ ବାଲିଗୁଡା ଅଧୀନରେ ଥିବା ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ**

| କ୍ର ନ. | କେସ ନ. | ସୈରାତ | ମୌଜାର | ସୈରାତ ବିବରଣୀ | | | | | ସର୍ବନିମ୍ନ ରୟାଲଟି (ଟଙ୍କାରେ) (per cum.Mt.) | ବର୍ଷକ ପାଇଁ ସର୍ବନିମ୍ନ ଗ୍ୟାରେନଟୀ ପରିମାଣ (ଘନ ମିଟର ରେ ) | EMD ବର୍ଷକ ପାଇଁ (ସର୍ବନିମ୍ନ Guarantee ପରିମାଣର ଅତିରିକ୍ତ ଦେୟ ଯୋଗ ରୟାଲିଟୀ ର ଶତକଡା ୫ଭାଗ ଟଙ୍କାରେ |
|---|---|---|---|---|---|---|---|---|---|---|---|
| | | | | ଖାତା ନ. | ପ୍ଲଟ ନ. | କିସମ | ରକବା (ହେକ୍ଟରରେ) | ଲଘୁ ଖଣିଜ ର ନାମ | | | |

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
|---|---|---|---|---|---|---|---|---|---|---|---|
| ୧ | ୦୫/୨୦୧୬-୧୭ | ଖମଣଖୋଲ - ଖ ପଥର ଖାଦାନ | ଖମଣଖୋଲ | ୮୧ | ୫୨୮ | ପଥର ଖଣି | ୨.୬୨୫ | ପଥର | ୧୩୦.୦୦ | ୧୨୦୦ | ୧୩୦୨୦ |
| ୨ | ୧୦/୨୦୦୬/୨୦୧୬-୧୭ | ଖଇରବାଡି ବାଲିଘାଟ | ଖଇରବାଡି | ୨୭ | ୨୦ | ନଦୀ (ଖଡଗ ନଦୀ) | ୬.୮୦୦ (out of ୧୦,୮୦୦ ) | ବାଲି | ୩୫.୦୦ | ୧୦୦୦ | ୩୫୦୦ |
| ୩ | ୦୭/୨୦୧୬-୧୭ | ଖମଣଖୋଲ ବାଲିଘାଟ | ଖମଣଖୋଲ | ୮୧ | ୩୧ | ନଦୀ (ଖଡଗ ନଦୀ) | 6.624 | ବାଲି | ୩୫.୦୦ | ୫୦୦୦ | ୩୫୦୦ |
| ୪ | ୭/୨୦୧୫ | ଖମଣଖୋଲ - କ ପଥର ଖାଦାନ | ଖମଣଖୋଲ | ୮୧ | ୪୨ | ପଥର ଖଣି | ୦.୬୮୫ | ପଥର | ୧୩୦.୦୦ | ୧୨୦୦୦ | ୧୫୬୦୦ |
| ୫ | ୪/୨୦୧୫ | ବିରାଗୁଡା ବାଲିଘାଟ | ବିରାଗୁଡା | ୪୭ | ୩୧୪<br>୪୩୨ | ନାଳ<br>ନାଳ | ୩.୭୪୮<br>୧.୫୩୫ | ବାଲି<br>ବାଲି | ୩୫.00 | ୧୦୦୦ | ୩୫୦୦ |
| ୬ | ୨/୨୦୧୫ | ଗଞ୍ଜୁପଡି ବାଲିଘାଟ | ଗଞ୍ଜୁପଡି | ୪୫ | ୧୩୫<br>୨୦୭ | ନଦୀ<br>ନଦୀ | ୩.୪୪୦<br>୧.୯୪୦ | ବାଲି<br>ବାଲି | ୩୫.୦୦ | ୫୦୦୦ | ୧୭୫୦୦ |
| ୭ | ୩/୨୦ ୧୫ | ସିନ୍ଧ୍ରିଗାଁ ବାଲିଘାଟ | ସିନ୍ଧ୍ରିଗାଁ | ୨୦୭ | ୧୩୨୬ | ନଦୀ | ୮.୩୨୦ | ବାଲି | ୩୫.୦୦ | ୩୦୦୦ | ୧୦୫୦୦ |

1.5.18

ତହସିଲଦାର , ବାଲିଗୁଡା